# ଠିକ୍, ନିର୍ଭୁଲ ତଥ୍ୟ ଦେବାକୁ ଅନୁରୋଧ

## ଜିଲାରେ ଗଡ଼ିଲା 'ଜନଗଣନା ସଚେତନତା ରଥ'




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ନବରଙ୍ଗପୁର,୧୭।୪(ସଦାଶିବ ପ୍ରହରାଜ)**
ନବରଙ୍ଗପୁର ଜିଲା ପ୍ରଶାସନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର 'ଜନଗଣନା ସଚେତନତା' ରଥ ଶୁଭାରମ୍ଭ ହୋଇଛି। ଜିଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଜିଲା ଜନଗଣନା ଅଧିକାରୀ ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜରୁରିକାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ପଟ୍ଟନାୟକ, ଡେପୁଟି କଲେକ୍ଟର ନିବେଦିତା ଶତପଥୀ, ଜିଲାପାଳ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଶନିବାରଠୁ ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟରେ ଜନଗଣନାକାରୀ ଘରକୁ ଘର ଯାଇ ଘର ତାଲିକା ପ୍ରସ୍ତୁତି ଓ ଗୃହ ଗଣନା କରିବେ। ଏହା ପୂର୍ବରୁ ଜନସାଧାରଣ ଗତ ୧ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଆପ୍‌ରେ ସ୍ୱ ଗଣନା ତଥ୍ୟ ପ୍ରଦାନ କରିଥିଲେ। ଜନଗଣନା ସଚେତନତା ରଥ ଜିଲାର ସମସ୍ତ ଚାର୍ଜ ଅଞ୍ଚଳରେ ବୁଲି ଠିକ୍ ଏବଂ ନିରପେକ୍ଷ ଭାବେ ତଥ୍ୟ ପ୍ରଦାନ କରିବାକୁ ସଚେତନ କରିବ ।

## 'ଘର ତାଲିକାକରଣ, ଘର ନମ୍ବରିଂ'ର ଶୁଭାରମ୍ଭ

**ନବରଙ୍ଗପୁର,୧୭।୪(ସଦାଶିବ ପ୍ରହରାଜ)**
ନବରଙ୍ଗପୁର ଜିଲାରେ ଜନଗଣନା–୨୦୨୭ର ପ୍ରାରମ୍ଭିକ ପର୍ଯ୍ୟାୟ 'ଘର ତାଲିକାକରଣ ଓ ଘର ନମ୍ବରିଂ' କାର୍ଯ୍ୟ ସୁଚାରୁ ଓ ସୁସଂଗଠିତ ଭାବରେ ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ଼. ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱ ଓ ନିର୍ଦ୍ଦେଶରେ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ସମୟବଦ୍ଧ ଓ ନିଖୁଣ ଭାବରେ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଓ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରତିଘଣ୍ଟା ଆଧାରରେ ନମ୍ବରିଂ କରାଯାଇଥିବା ଘର ସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ଜନଗଣନା କାର୍ଯ୍ୟାଳୟ, ଭୁବନେଶ୍ୱରକୁ ପ୍ରେରଣ କରାଯାଉଛି। ଏହା ମାଧ୍ୟମରେ କାର୍ଯ୍ୟର ପ୍ରଗତିକୁ ନିୟମିତ ଭାବେ ମନିଟରିଂ କରାଯାଉଛି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରଯାଉଛି । ଘର ନମ୍ବରିଂ କାର୍ଯ୍ୟ ସମୟରେ ବରିଷ୍ଠ ନୋଡାଲ ଅଧିକାରୀମାନେ କ୍ଷେତ୍ର ପ୍ରଦର୍ଶନ କରି ଜନଗଣନା କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି। ଚାର୍ଜ ଅଫିସର ତହସିଲଦାର ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟର ଗୁଣାତ୍ମକତା ଓ ସଠିକତା ନିଶ୍ଚିତ କରୁଛନ୍ତି। ଜନଗଣନା–୨୦୨୭ ଦେଶର ସର୍ବପ୍ରମୁଖ ଓ ବ୍ୟାପକ ପ୍ରଶାସନିକ ଅଭିଯାନ ହୋଇଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସ୍ତରରେ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପାଦନ କରିବାକୁ ପ୍ରୟାସ ଜାରି ରହିଛି। ତେବେ ଗୁରୁବାର ସୁଦ୍ଧା ୨୨,୭୨୯ଟି ଘର ଗଣନା କରାଯାଇଛି। ଜିଲାରେ ଅଧିକାରୀ ଓ କର୍ମଚାରୀ ମିଶାଇ ମୋଟ ୨୩୬୯ ଜଣ ଜଣଗଣନା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି।



ଜଣେ ଅଧିକାରୀ ଘର ଗଣନା କରି ନମ୍ବରିଂ କରୁଛନ୍ତି।

## ମେ' ୨୩ରେ ନବରଙ୍ଗପୁର, ଜଟଣୀ, ସୁନ୍ଦରଗଡ଼ ବାର୍ ଆସୋସିଏଶନ ନିର୍ବାଚନ

**କଟକ,୧୭।୪(କାର୍ତ୍ତିକ ସାହୁ)**
ନବରଙ୍ଗପୁର ବାର୍ ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ ଏବଂ ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନର ନିର୍ବାଚନ ଆସନ୍ତା ମେ' ୨୩ରେ ଅନୁଷ୍ଠିତ ହେବ। ନିର୍ବାଚନ ସ୍ଥଗିତ ରଖାଯାଇଥିବା ଉପରୋକ୍ତ ୩ଟି ବାର୍ ଆସୋସିଏଶନର ନିର୍ବାଚନ ବିଧିବଦ୍ଧ ଭାବେ କରାଯିବାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିଷ୍ପତ୍ତି ନେଇଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏନେଇ ପ୍ରେସ ବିଜ୍ଞପ୍ତିରେ ଶୁକ୍ରବାର ଜଣାଇଛନ୍ତି।

ସୂଚନାନୁସାରେ, ୨୦୧୯ ପରଠାରୁ କାର୍ଯ୍ୟକାରୀ ହୋଇଥିବା ୱାନ୍ ବାର୍ ୱାନ୍ ଭୋଟ ନୀତି ଆଧାରରେ ରାଜ୍ୟର ସମସ୍ତ ଅନୁବନ୍ଧିତ ବାର୍ ଆସୋସିଏଶନର ଚଳିତ ବର୍ଷ ନିର୍ବାଚନ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ଗତ ମାର୍ଚ୍ଚ ୨୮ରେ ସମ୍ପନ୍ନ ହୋଇଛି। ମାତ୍ର ନିର୍ବାଚନ ସଂକ୍ରାନ୍ତୀୟ କିଛି ବିଶୃଙ୍ଖଳାଜନିତ କାରଣରୁ ନବରଙ୍ଗପୁର ବାର ଆସୋସିଏଶନ, ଜଟଣୀ ଲୟର୍ସ ଆସୋସିଏଶନ ଏବଂ ସୁନ୍ଦରଗଡ ଜିଲା ବାର୍ ଆସୋସିଏଶନର ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ତେବେ ନିର୍ବାଚନ ନିମନ୍ତେ ପରିଷଦର ନିଷ୍ପତ୍ତି ଅନୁଯାୟୀ ଉକ୍ତ ତିନୋଟି ବାର୍ ଆସୋସିଏଶନର ନିର୍ବାଚନ କରାଇବାକୁ ବାର୍ ଆସୋସିଏଶନଗୁଡ଼ିକର ପ୍ରେସିଡେଣ୍ଟ ଏବଂ ସେକ୍ରେଟାରିମାନଙ୍କୁ ଜଣାଇ ଦିଆଯାଇଛି। ସେମାନେ ତୁରନ୍ତ ବାର୍ ଆସୋସିଏଶନର ସାଧାରଣ ବୈଠକ ଆହୁତ ପୂର୍ବକ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେବେ। ଏଥିସହ ଏପ୍ରିଲ ୨୭ ପୂର୍ବରୁ ଉକ୍ତ ସମ୍ପର୍କିତ ସୂଚନା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇବେ। ତତ୍ପରେ ନିର୍ବାଚନ ସଂକ୍ରାନ୍ତୀୟ ପରବର୍ତ୍ତୀ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ପରିଷଦର ଅଧ୍ୟକ୍ଷ ଦ୍ୱିବେଦୀ ଜଣାଇଛନ୍ତି।

## ନାଗେଶ୍ୱରୀ ପାହାଡ଼ରେ ନିଆଁ

**ନନ୍ଦପୁର,୧୭।୪ (ତୁଷାର କାନ୍ତ ମହାନ୍ତି)**



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି ।

କୋରାପୁଟ ଜିଲା ବାଲଡ଼ା ନାଗେଶ୍ୱରୀ ( ଆ ର ଏ ଫ ) ପାହାଡ଼ରେ କେହି ଦୁର୍ବୃତ୍ତ ଶୁକ୍ରବାର ନିଆଁ ଲଗାଇ ଦେଇଛନ୍ତି। ଏହାକୁ ବାଲଡ଼ା ବନବିଭାଗ ଓ ନନ୍ଦପୁର ଅଗ୍ନିଶମ ବାହିନୀ ମିଳିତ ଭାବେ ଆୟତ୍ତ କରିଛନ୍ତି। ମନୁଷ୍ୟ କୃତ୍ୟ ବନାଗ୍ନି ପାହାଡ଼ର ମୂଲ୍ୟବାନ ଏବଂ ଔଷଧୀୟ ବୃକ୍ଷଲତା ନଷ୍ଟ କରୁଛି। ଏହା ସ୍ଥାନୀୟ ବାସିନ୍ଦା ଓ ଜଙ୍ଗଲ ଜନ୍ତୁଙ୍କୁ ପ୍ରଭାବିତ କରୁଛି। ଲୋକେ ଜଙ୍ଗଲରେ ନିଆଁ ଲଗାଇବାରୁ ନିବୃତ୍ତ ରହିବାକୁ ବାଲଡ଼ା ବନାଞ୍ଚଳ ଅଧିକାରୀ ଶ୍ରଦ୍ଧେୟ ମନ୍ତ୍ରୀ ନିବେଦନ କରିଛନ୍ତି।

## ବିଜୁବାବୁଙ୍କ ୨୯ ତମ ତିରୋଧାନ ଦିବସ



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ଉମରକୋଟ,୧୭।୪ (ସନ୍ତୋଷ ଶତପଥୀ)**
ନବରଙ୍ଗପୁର ଜିଲା ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ପୌରାଞ୍ଚଳ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ଶିଶୁ ଉଦ୍ୟାନଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ବିଜେଡି ନେତା ଓ କର୍ମୀ ଏଥିରେ ଯୋଗଦେଇ ବିଜୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଏହି ଅବସରରେ ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନ ଓ ତାଙ୍କ ଆଦର୍ଶକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେଡି ନେତା, କର୍ମୀ ଓ ଯୁବ ସଂଘର ସଦସ୍ୟମାନେ ଉପସ୍ଥିତ ରହି ବିଜୁ ବାବୁଙ୍କ ଆଦର୍ଶକୁ ଆଗକୁ ନେବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ରାଧା ଭତ୍ରା, ନବୀନା ନାୟକ, କାଉନସିଲର ତପନ ଦେବନାଥ, ମନୋଜ କୁମାର ନାୟକ, ଶିଖରଣୀ ସରକାର, ନିଲମ ହରିଜନ ପ୍ରମୁଖଙ୍କ ସହ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କୁନ୍ଦୁରା,୧୭।୪(ସନ୍ତୋଷ ପ୍ରହରାଜ)**
କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ବ୍ଲକ ଉପକଣ୍ଠସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଛି। ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକଙ୍କ ନେତୃତ୍ୱରେ ଜିଲା ପରିଷଦ ଉପାଧକ୍ଷା ରାଧାବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ, ଯୁବ ସଭାପତି ବିକ୍ରମ କୁମାର ବେହେରା, ଜିଲା ସହ ସମ୍ପାଦକ ଭଜମନ ସାନ୍ତା, ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ସ୍କୁଲ ପରିଦର୍ଶନ

**ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ**

**ନବରଙ୍ଗପୁର,୧୭।୪(ସଦାଶିବ ପ୍ରହରାଜ)**
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା ଶୁକ୍ରବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପ୍ରଥମେ ସ୍ଥାନୀୟ ଏକ୍ସବୋର୍ଡ ବିଦ୍ୟାଳୟଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ପରିଦର୍ଶନ କରିଥିଲେ। ଛାତ୍ରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା ଉପଲବ୍ଧ ହେଉଛି କି ନାହିଁ ତଦାରଖ କରିଥିଲେ। ଛାତ୍ରୀମାନଙ୍କ ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଖାଦ୍ୟର ମାନ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରୀମାନଙ୍କୁ କମ୍ପ୍ୟୁଟର ଓ ସିଲେଇ ଶିକ୍ଷା ଦିଆଯାଉଥିବା ଦେଖି ଖୁସି ପ୍ରକଟ କରିଥିଲେ। ଏହାପରେ ହିଁର୍ଲିଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ। ଛାତ୍ରୀମାନଙ୍କ ସହ ଭାବବିନିମୟ କରି ଉତ୍ତମ ନାଗରିକ ହେବା ସହିତ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ହଷ୍ଟେଲର ସ୍ୱଚ୍ଛ ପରିବେଶ ଦେଖି ଖୁସିବ୍ୟକ୍ତ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରକାଶ ମହାଳିକ, ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ, ବାଳିକା ସଂଯୋଜିକା ମମତା ପରିଚ୍ଛା, ଆଦର୍ଶ ବିଦ୍ୟାଳୟ ପ୍ରିନ୍ସିପାଲ ରାଜେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଶନିବାର ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀମାନଙ୍କ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି ।



ଗଣଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।

## ଜଣେ ଗିରଫ, ବାଳସୁଧାର ଗୃହକୁ ଗଲେ ନାବାଳକ

**କକଡାଗୁଡ଼ାରେ ଗଣ୍ଡଗୋଳ ଘଟଣା**

**ଡାବୁଗାଁ, ୧୬/୪ (ପ୍ରଜ୍ଞାରଞ୍ଜନ ପରିଡା)**
ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତ ଅଧୀନ କକଡ଼ାଗୁଡ଼ା ଗ୍ରାମରେ ଗୁରୁବାର ଗଣ୍ଡଗୋଳ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତ ରମେଶ ଗୌଡ଼(୨୪)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକଙ୍କୁ ପୋଲିସ କୋର୍ଟରେ ହଜାର କରିବା ପରେ ତାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି।

ଡାବୁଗାଁ ବ୍ଲକ୍ ଅଞ୍ଚଳା ପଞ୍ଚାୟତ ଅଧୀନ କକଡାଗୁଡା ଗ୍ରାମରେ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖି ଟିଁବିଚାଇ ଗ୍ରାମର ଡମ୍ବୁ ଜାନି (୩୫) ଓ ତାଙ୍କ ସାଙ୍ଗମାନଙ୍କ ସହ ଗୁରୁବାର ସକାଳେ ଗାଁକୁ ଫେରୁଥିବାବେଳେ କକଡାଗୁଡା ଗ୍ରାମର ଜଣେ ନାବାଳକ ଆସି ପାଟିତୁଣ୍ଡ କରିଥିଲେ। ପରେ ନାବାଳକ ଜଣକ ଏକ ଫାର୍ସାରେ ଡମ୍ବୁଙ୍କୁ ଆକ୍ରମଣ କରିଥିଲେ। ଡମ୍ବୁଙ୍କ ସାଙ୍ଗମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଡାବୁଗାଁ ମେଡିକାଲକୁ ଆଣିଥିଲେ। ଅବସ୍ଥା ବହୁତ ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଡମ୍ବୁଙ୍କ ଭାଇ ମନବୋଧ ଜାନୀ ଥାନାରେ ଏତଲା ଦେବାରୁ କେସ୍ ନଂ. ୭୮/୨୬ ରେ ଏକ ମାମଲା ରୁଜୁ ହୋଇଛି । ସବଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ ତଦନ୍ତ କରି କକଡାଗୁଡା ଗ୍ରାମର ରମେଶଙ୍କୁ ଗିରଫ କରିଥିଲେ।

## ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

**ମାଲକାନଗିରି, ୧୭।୪ (ଦୁର୍ଯ୍ୟୋଧନ ପାତ୍ର)**




କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ।

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଜିଲା କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଲାଠିଆଗୁଡାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ତିଳତର୍ପଣ ସହ ମାଲ୍ୟାର୍ପଣ କରାଯାଇଛି। ବିଜୁ ବାବୁଙ୍କ ଆଦର୍ଶରେ ଏକବିଂଶ ଶତାବ୍ଦୀର ପ୍ରଥମ ପାଦରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବିକାଶର ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହୋଇଛି। ବିରୋଧୀ ଦଳ ଭାବେ ମଧ୍ୟ ଜନଗଣ ପାଇଁ ଓଡ଼ିଶାର ବିକାଶ ଯାତ୍ରାକୁ ଆଗକୁ ନେବା ସହ ସରକାରର ଜନବିରୋଧୀ ନୀତି ବିରୋଧରେ ଗଣତାନ୍ତ୍ରିକ ସ୍ୱର ଉତ୍ତୋଳନ କରିବା, ଏକ ସଶକ୍ତ, ସ୍ୱାଭିମାନୀ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ ନିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ତଥା ଜିଲା ମହିଳାନେତ୍ରୀ ସମାରି ତାଙ୍ଗୁଲ, ଜିଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି, ଜିଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା, ବରିଷ୍ଠ ନେତା ସି.ଏଚ୍. ଏଙ୍ଗଲି , ବରିଷ୍ଠ ନେତା ଧର୍ମୁର୍ଜୟ ମାଡକାମୀ, ବରିଷ୍ଠ ନେତା ରାଜେନ୍ଦ୍ର କୁଳଦୀପ,ବିଜେଡି ଉପସଭାପତି ଉଦୟ ନାଥ ମାଦ୍ରୀ, ଜିଲା ସାଧାରଣ ସମ୍ପାଦକ ନାକା ନକାଲ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମସଭାରେ ଚିମଟାପାଲ୍ଲୀ ପଞ୍ଚାୟତର ବିକାଶକୁ ଗୁରୁତ୍ୱ

**କୋରୁକୋଣ୍ଡା,୧୭।୪(ଶିବଦତ୍ତ ସାହୁ)**
ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ରାଜେଶ ମାଡକାମୀଙ୍କ ସଭାପତିତ୍ୱରେ ସମିତିସଭ୍ୟା ମଦନା ପାମିୟା, ୱାର୍ଡ ମେମ୍ବର ସମା ପୂଜାରୀ, ରାଜୁ ମାଡି, ମନ ଗାଦବା, ରଘୁ କିର୍ସାନୀ, ଅସୀମ ବିଶ୍ୱାସ, ପଞ୍ଚାୟତ ଅଧୀନ କାତାପାଲୀ, ୬ ନଂ କଲୋନି, ତେନ୍ତୁଳିଗୁଡା, ଏମଭି –୧୨୩, ଚିମଟାପାଲ୍ଲୀ, ଏମଭି –୧୨୦,ଏମଭି –୧୧୯ ଆଦି ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ପଞ୍ଚାୟତର ବିକାଶ ତଥା ଜନ ହିତକର କାର୍ଯ୍ୟ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହେବାକୁ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଗ୍ରାମରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ତୁରନ୍ତ ଶେଷ କରିବାକୁ କୁହାଯାଇଛି। ରାସ୍ତା ଘାଟ, ପାନୀୟ ଜଳ ଓ ଅନ୍ୟ ସମସ୍ୟା ଥିବା ଗ୍ରାମର ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି। ସେଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଛି। ପଞ୍ଚାୟତରେ ଆବଶ୍ୟକ ଥିବା କାର୍ଯ୍ୟଗୁଡ଼ିକ ଶୀଘ୍ର କରିବାକୁ ପଞ୍ଚାୟତ କର୍ତ୍ତୃପକ୍ଷ ବ୍ଲକ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଯିବ ବୋଲି ସରପଞ୍ଚ ମାଡକାମୀ କହିଛନ୍ତି।




ବୈଠକରେ ଉପସ୍ଥିତ ସରପଞ୍ଚ ଓ ଗ୍ରାମବାସୀ।

## ଘରୋଇ ଗ୍ୟାସ୍ ସମସ୍ୟାକୁ ନେଇ କଂଗ୍ରେସର ରାସ୍ତାରୋକୋ

**ଉମରକୋଟ,୧୭।୪ (ସନ୍ତୋଷ ଶତପଥୀ)**



କଂଗ୍ରେସ କର୍ମକର୍ତ୍ତା ରାସ୍ତା ଅବରୋଧ କରିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ସହରାଞ୍ଚଳରେ ଘରୋଇ ଗ୍ୟାସ୍ ବିତରଣ ସମସ୍ୟା ନେଇ ଶୁକ୍ରବାର କଂଗ୍ରେସ ପକ୍ଷରୁ ୧ ଘଣ୍ଟିଆ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। କଂଗ୍ରେସ କର୍ମକର୍ତ୍ତା ଉମରକୋଟ ମେଡ଼ିକାଲ ଛକରେ ଥିବା ଘ୍ୟାସ୍ ଅଫିସ ସମ୍ମୁଖ ରାଜ୍ୟ ରାଜପଥକୁ ଅବରୋଧ କରିବାରୁ ଉମରକୋଟ ଓ ନବରଙ୍ଗପୁର ମଧ୍ୟରେ ପ୍ରାୟ ୧ ଘଣ୍ଟା ପାଇଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ନବରଙ୍ଗପୁର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ନବରଙ୍ଗପୁର ସଦର ଜିଲା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ, ଉମରକୋଟ ଯୋଗାଣ ନିରୀକ୍ଷକ ସୁନୀଲ କୁମାର ଜେନା ପ୍ରମୁଖ ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ପହଞ୍ଚି ବାବା ବୈଦ୍ୟନାଥ ଗ୍ୟାସ ଏଜେନ୍ସୀ ମାଲିକଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀ କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରିଥିଲେ। ପରେ କଂଗ୍ରେସ କର୍ମୀ ଗ୍ରାହକଙ୍କ ସମସ୍ୟା ବିଷୟରେ ଏକ ଦାବିପତ୍ର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ଦିଆଯାଇଥିଲା । ଜିଲା ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ଗ୍ୟାସ୍ ଅଧିକାରୀଙ୍କ ସହ ଆଲୋଚନା କରାଯିବ ଏବଂ ଅତିଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ୨ ଦିନ ସମୟ ଦିଆଯାଇଛି, ଯଦି ସମାଧାନ ନ ହୁଏ ତାହେଲେ ପୁଣି ରାଜରାସ୍ତାକୁ ଓଲ୍ହେଇବେ ବୋଲି କଂଗ୍ରେସ କର୍ମକର୍ତ୍ତା କହିଛନ୍ତି।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ଉମରକୋଟ ଗ୍ରାହକଙ୍କୁ ୩ ମାସ ହେଲା ଘରୋଇ ଗ୍ୟାସ ମିଳିବାରେ ଅସୁବିଧା ହେଉଛି । ସହରାଞ୍ଚଳ ଲୋକେ ଗ୍ୟାସ ପାଇବା ପରେ ପରବର୍ତ୍ତୀ ବୁକିଂ ପାଇଁ ୨୫ ଦିନର ନିୟମ ରହିଥିଲେ ମଧ୍ୟ ଏଠାରେ ୪୫ ଦିନ ପରେ ପରବର୍ତ୍ତୀ ବୁକିଂ କରାଯାଉଛି। ତାହା ମଧ୍ୟ ଠିକ ସମୟରେ ମିଳୁନାହିଁ ଏବଂ ଯେବେ ମିଳୁଛି ମଧ୍ୟରାତ୍ରିରୁ ଲାଇନରେ ଛିଡା ହେଲେ ହିଁ ଗ୍ୟାସ ମିଳୁଛି । ଏ ନେଇ କଂଗ୍ରେସ ପକ୍ଷରୁ ଏକ ଆଲୋଚନା ପାଇଁ ଯୋଗାଣ ବିଭାଗଙ୍କୁ ସମୟ ମାଗିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଆଲୋଚନା ପାଇଁ ବିଭାଗ ପକ୍ଷରୁ ସମୟ ଦିଆଯାଇଥିଲା। କିନ୍ତୁ ଯୋଗାଣ ଅଧିକାରୀ ଠିକ ସମୟରେ ନ ଆସିବା ଯୋଗୁ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଉମରକୋଟ ଠାରେ ଥିବା ପେଣ୍ଡରାଣୀ ଇଣ୍ଡେନ ଗ୍ୟାସ ଆଜିକୁ ୪ ମାସ ହେଲା ଗ୍ୟାସ ଯୋଗାଣକୁ ବନ୍ଦ କରିଦେଇଛି। ଜମିଜମା ସଂକ୍ରାନ୍ତକୁ ନେଇ କିଛି ଟଙ୍କା ବକେୟା ଥିବାରୁ ଲାଇସେନ୍ସ ନବୀକରଣ ହେଇପାରିଲା ନାହିଁ । ଫଳରେ ଉମରକୋଟର ସବୁ ଗ୍ରାହକଙ୍କୁ ଗ୍ୟାସ ବିତରଣ ଅଧିକାର ବୁର୍ଜା ପଞ୍ଚାୟତଠାରେ ଥିବା ବାବା ବୈଦ୍ୟନାଥ ଗ୍ୟାସ ଏଜେନ୍ସିକୁ କମ୍ପାନୀ ଦାୟିତ୍ୱ ଦେଇଛି। ପଞ୍ଚାୟତରେ ୪୫ ଦିନକୁ ଥରେ ଗ୍ୟାସ ମିଳିଥାଏ। ତେଣୁ ବର୍ତ୍ତମାନ ଉମରକୋଟ ଗ୍ରାହକମାନେ ୪୫ ଦିନରେ ଗ୍ୟାସ ପାଉଛନ୍ତି। ଉମରକୋଟ ଗ୍ରାହକଙ୍କୁ ଗ୍ୟାସ ପାଇବା ପରେ ପରବର୍ତ୍ତୀ ବୁକିଂ ୨୫ ଦିନ କରାଯାଉ ବୋଲି ଦାବି କରିଛନ୍ତି। ଆନ୍ଦୋଳନରେ କଂଗ୍ରେସ ଜିଲା ଉପ ସଭାପତି ଶଙ୍କର ଦେ, ଜିଲା ସାଧାରଣ ସମ୍ପାଦକ ବାବୁଲା ପଟ୍ଟନାୟକ, ବ୍ଲକ ସଭାପତି କୃଷ୍ଣ ମାଝୀ, ଗୁଲୁ ସାହୁ, ଭୁବନ ମାଝୀ, କାଉନସିଲର ମୁନା ପାଢ଼ୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୬୭ ଲିଟର ଦେଶୀ ମଦ ଜବତ: ୪ ଗିରଫ

ଜୟପୁର, ୧୭।୪ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଅମନ ନାଗ, କ୍ରିଷ୍ଣା ନାଗ ଓ ୨ ମହିଳାଙ୍କୁ ଗିରଫ କରାଯାଇଛି। ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା, ଜିଲା ଫ୍ଲାଇଂ ସ୍କ୍ୱାର୍ଡର ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉମୁରି, ରତ୍ନାକରଗୁଡ଼ା, ତୋଟାସାହିରେ ଚଢ଼ାଉ କରି ୬୭ ଲିଟର ଦେଶୀ ମଦ ଜବତ କରିଛି। ଚଢ଼ାଉରେ ଅବକାରୀ ଥାନାଧିକାରୀ ସୁବ୍ରତ କିଶୋରି ହିରନ, ଅବକାରୀ ନିରୀକ୍ଷକ ଅଜୟ ନାୟକ, ଜିଲା ଫ୍ଲାଇଂ ସ୍କ୍ୱାର୍ଡ ଦିବାକର ମହାପାତ୍ର, ଏଏସ୍‌ଆଇ ଏଲିଜା ବିଷୋୟୀ ଉପସ୍ଥିତ ଥିଲେ। ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ୨ ବାଇକ୍, ଦୋକାନ ଘରୁ ଚୋରି

ନନ୍ଦପୁର, ୧୭।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ଥାନା ଥୁବା ଗ୍ରାମରୁ ୨ ବାଇକ୍ ଓ ସାତସମିଲୀ ଗ୍ରାମର ଏକ ଦୋକାନରୁ ଚୋରି ହୋଇଥିବା ସୂଚନା ମିଳିଛି। ଥୁବା ଗ୍ରାମର ଏସ୍.କେ.ସଲିମଙ୍କ ଘରୁ ବାଇକ୍(ଓଡି୧୦-ୱାଇ-୧୭୭୫), ଶେଖ ନୁରଙ୍କ ଘରୁ ତାଙ୍କ ଡ୍ରାଇଭରଙ୍କ ଗାଡି (ଓଡି୧୦-ଏସି-୧୧୩୨) ଚୋରି ହୋଇଛି। ଏକ କାରରେ ଦୁର୍ବୃତ୍ତମାନେ ଆସି ବାଇକ୍ ଚୋରି କରି ନେଉଥିବା ସିସିଟିଭିରେ ରେକର୍ଡ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି। ସେହିପରି ସାତସେମିଲି ଗ୍ରାମର ଲମ୍ବୋଦର ହନ୍ତଲଙ୍କ ଦୋକାନ ଘରୁ ଚୋରି ହୋଇଛି। ଘଟଣାର ତଦନ୍ତ କରାଯାଉଥିବା ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟା ପାଡ଼ିଆ ସୂଚନା ଦେଇଛନ୍ତି।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ତାଲିମ

ଜୟପୁର, ୧୭।୪ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ତାଲିମ ସମସ୍ତ କର୍ମଚାରୀଙ୍କୁ ଦିଆଯାଇଛି। ଏଥିରେ ହସ୍ପିଟାଲ ଫାୟର ସେଫ୍ଟି ସୁପରଭାଇଜର ରମାକାନ୍ତ ପାଲ ଓ ଷ୍ଟେଶନ ଅଫିସର ସରୋଜ କୁମାର ଭୁଡିଆ ତାଲିମ ଦେଇଥିଲେ। ଅଗ୍ନିକାଣ୍ଡ ଘଟିଲେ ମୁକାବିଲା କରାଯାଇପାରିବା ନେଇ ତାଲିମ ଦିଆଯାଇଥିଲା। ନିଆଁ ଲିଭାଇବା ଯନ୍ତ୍ର ବ୍ୟବହାର, ନିଆଁ ଲାଗିଲେ ରୋଗୀଙ୍କୁ ଉଦ୍ଧାର କରାଯାଇପାରିବା ନେଇ ତାଲିମ ଦିଆଯାଇଛି। ଉଚ୍ଚ କୋଠାରୁ ରୋଗୀଙ୍କୁ ଉଦ୍ଧାର କରାଯାଇପାରିବା ନେଇ ତାଲିମ ଦିଆଯାଇଥିଲା। ଜିଲା ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ ଅକ୍ଷୟ କୁମାର ରଥ, ଡାକ୍ତର, ନର୍ସ, ସୁରକ୍ଷାକର୍ମୀ ଓ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

### ହୃଦ୍‌ଘାତରେ ବ୍ୟବସାୟୀ ମୃତ

ମାଲକାନଗିରି, ୧୭।୪ (ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବ୍ୟବସାୟୀ ଖୁପଚାନ୍ଦ ଜୈନ(୪୫)ଙ୍କ ବିୟୋଗ ହୋଇଛି। ସେ କାମ ସାରି ମାଥିଲି ବ୍ଲକ ଅଞ୍ଚଳରୁ କାର ଯୋଗେ ମାଲକାନଗିରି ଅଭିମୁଖେ ଫେରୁଥିବା ବେଳେ ନାୟକଗୁଡ଼ାରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କ ପୁଅ ଓ ବଡ ଭାଇ ତାଙ୍କୁ ତୁରନ୍ତ ନିକଟସ୍ଥ ପାଣ୍ଡ୍ରିପାଣି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ୨ ପୁଅ, ଜଣେ ଝିଅ ଅଛନ୍ତି।

### ଶିକ୍ଷକଙ୍କ ଘରୁ ଟଙ୍କା, ସୁନାଗହଣା ଚୋରି

ପଟ୍ଟାଙ୍ଗି, ୧୭।୪ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ପ୍ରାଣି ଚିକିତ୍ସାଳୟ ସମ୍ମୁଖ କଲୋନିରୁ ଜଣେ ଶିକ୍ଷକଙ୍କ ଘରୁ ଚୋରି ହୋଇଥିବା ପଟ୍ଟାଙ୍ଗି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶିକ୍ଷକ ସଞ୍ଜୀତ କୁମାର ମଲ୍ଲିକ ରବିବାର ତାଲା ପକାଇ ଭୁବନେଶ୍ୱର ଯାଇଥିଲେ। ସେ ଗୁରୁବାର ଘରେ ପହଞ୍ଚି ତାଲା ଭାଙ୍ଗିଥିବା ଦେଖି ପଟ୍ଟାଙ୍ଗି ପୋଲିସକୁ ଜଣାଇଥିଲେ। ଆଇଆଇସି ପ୍ରଭାବ କୁମାର ବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କେହି ଦୁର୍ବୃତ୍ତ ଆଲମାରୀ ଭାଙ୍ଗି ନଗଦ ୨ଲକ୍ଷ ଟଙ୍କା, ୨ ହଳ କାନଫୁଲ, ୪ ହଳ ରୁପା ପାଉଁଜି ନେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ଶିକ୍ଷକଙ୍କ ପଡ଼ୋଶୀଙ୍କ କହିବା ମୁତାବକ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅନୁମାନ କରାଯାଉଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ନେଇ ଦଣ୍ଡାଦେଶ ହାର ବୃଦ୍ଧିକୁ ଗୁରୁତ୍ୱ

## କୋରାପୁଟରେ ଏନ୍‌ଡିପିଏସ ସେମିନାର

କୋରାପୁଟ, ୧୭।୪ (ଅମିତାଭ ବେହେରା)



ସେମିନାରରେ ଡିଆଇଜି ଡ. କନୱାର ବିଶାଲ ସିଂହ ଓ ଅନ୍ୟ ଅଧିକାରୀମାନେ।

କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ସକ୍ରିୟ କରିବା ଲକ୍ଷ୍ୟରେ ଏନ୍‌ଡିପିଏସ୍ ମାମଲାରେ ମକଦ୍ଦମା ଚାଲାଣ ଓ ଦଣ୍ଡାଦେଶ ସୁନିଶ୍ଚିତ କରିବା ନେଇ ଏକ ସେମିନାର ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏଥିରେ ରେଞ୍ଜ ଅଧୀନ ସମସ୍ତ ଜିଲାର ପୋଲିସ ଅଧୀକ୍ଷକ(ଏସ୍‌ପି), ପ୍ରାୟ ୯୦ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀ ଅନଲାଇନ ଯୋଗଦେଇଛନ୍ତି। ଡିଆଇଜି ଡ. କନୱାର ବିଶାଲ ସିଂହଙ୍କ ଅଧ୍ୟକ୍ଷତା କରିଛନ୍ତି। ଗଞ୍ଜେଇ, ହାସିସ୍ ତେଲ ଚାଷ ଓ ଚୋରା ଚାଲାଣ ରୋକିବାକୁ ଚାଲିଥିବା ଅଭିଯାନ ଯୋଗୁ ଏନ୍‌ଡିପିଏସ୍ ମାମଲା ବୃଦ୍ଧି ପାଇଥିବାରୁ ଦଣ୍ଡାଦେଶ ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଓଡ଼ିଶା ଅପରାଧ ଶାଖାର ଡିଜି ବିନୟତୋଷ ମିଶ୍ର ଦଣ୍ଡାଦେଶ ହାର ବୃଦ୍ଧିକୁ 'ନିଶାମୁକ୍ତ ଓଡ଼ିଶା' ଲକ୍ଷ୍ୟ ପୂରଣର ମୁଖ୍ୟ ମାନଦଣ୍ଡ ବୋଲି କହିଛନ୍ତି। ସେମିନାରରେ ଏସ୍‌ପି ଓ ଅନ୍ୟ ଅଧିକାରୀ କ୍ଷେତ୍ରସ୍ତରର ସମସ୍ୟା ଉଠାଇଥିଲେ। ତଦନ୍ତ ପ୍ରକ୍ରିୟାକୁ ସୁଦୃଢ଼ କରିବା, ମକଦ୍ଦମା ଚାଲାଣରେ ଗୁଣବତ୍ତା ବୃଦ୍ଧି ଓ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଁ ଏକ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ଅଭିଯାନରେ ୨୦୨୫-୨୬ରେ ମୋଟ ୭୭, ୧୨୨ କିଲୋ ଗଞ୍ଜେଇ ଜବତ କରାଯାଇ ୪୩୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ଗଞ୍ଜେଇ ଚୋରା ଚାଲାଣରୁ ଅର୍ଜିତ ଅବୈଧ ଆର୍ଜନରେ କ୍ରୟ କରାଯାଇଥିବା ପ୍ରାୟ ୧.୩୫ କୋଟି ଟଙ୍କାର ସମ୍ପତ୍ତି କୋରାପୁଟ ପୋଲିସ ଜବତ କରିବା ସହ ଯୋଗ୍ୟ କ୍ରତ୍ୟାଧିକାରୀଙ୍କ ଅନୁମୋଦନ ମିଳିଛି। କୋରାପୁଟ ଓ ମାଲକାନଗିରି ପୋଲିସ ପକ୍ଷରୁ ଗଞ୍ଜେଇ ଚାଲାଣକାରୀଙ୍କ ବିରୋଧରେ ପିଆଇଟି-ଏନ୍‌ଡିପିଏସ୍ ଅଧୀନରେ ଅନେକ ପ୍ରସ୍ତାବ ପ୍ରେରଣ କରାଯାଇଛି। ମାଲକାନଗିରି ପୋଲସ୍‌ର ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆନ୍ଧ୍ର ପ୍ରଦେଶ ପୋଲିସ ସହ ସମନ୍ୱୟ ସୁଦୃଢ଼ କରିବାକୁ ପୂର୍ବରୁ ୨ଥର ଭର୍ଚୁଆଲ ବୈଠକ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

# ଜମି ଅଧିଗ୍ରହଣ ନେଇ ଜନଶୁଣାଣି

## ନନ୍ଦପୁର-ଲମତାପୁଟ ସଂଯୋଗୀ ରାସ୍ତା ନିର୍ମାଣ

ନନ୍ଦପୁର, ୧୭।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର-ଲମତାପୁଟ ସଂଯୋଗୀ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତିକରଣ ପାଇଁ ଟିକରପଡ଼ା ପଞ୍ଚାୟତ ସଦର ମହକୁମାର କିଛି ବେସରକାରୀ ଜମି ଅଧିଗ୍ରହଣ କରିବାକୁ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଏଡିଏମ୍ ନରେଶ ଚନ୍ଦ୍ର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଲମତାପୁଟ ତହସିଲଦାର ଦିବାକର ବାଗ, ପୂର୍ତ୍ତବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ସୁଶାନ୍ତ ବାରିକ, ବିଡିଓ ଜୟନ୍ତ ମେହେର, ସରପଞ୍ଚ ନବୀନା ହନ୍ତାଳ, ସହକାରୀ ଯନ୍ତ୍ରୀ ଶରତ ପାତ୍ର, ଯନ୍ତ୍ରୀ ଲଳିତ ମହନ୍ତ, ଅଧିଗ୍ରହଣ ଜମିର ୮ ପଟାଧାରି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ୨୦ କି.ମି. ବିଶିଷ୍ଟ ଏହି ରାସ୍ତା ପୂର୍ବରୁ ଆରଡି ବିଭାଗ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା। ଅଟକଳ ଅନୁଯାୟୀ ପ୍ରଶସ୍ତୀକରଣ ବେଳେ ଟିକରପଡ଼ା ଗ୍ରାମର ୮ ବ୍ୟକ୍ତିଙ୍କ ମାତ୍ର ୯୦ ଡିସିମିଲି ଜମି ଅଧିଗ୍ରହଣ କରିବା ପାଇଁ ଆବଶ୍ୟକ ପଡ଼ିଥିଲା। ଏଥିଯୋଗୁ ଜନଶୁଣାଣି କରାଯାଇଥିଲା ବୋଲି ସର୍ବୋଚ୍ଚ ଯନ୍ତ୍ରୀ ବାରିକ ସୂଚନା ଦେଇଛନ୍ତି। ଅଧିଗ୍ରହଣ କରାଯାଉଥିବା ଜମିର ସରକାରୀ ଧାର୍ଯ୍ୟ ମୂଲ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଏଡିଏମ୍ ଶବର ଘୋଷଣା କରିଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ଜନଶୁଣାଣି ସଫଳ ହୋଇଥିବା ଏଡିଏମ ଓ ଉପଜିଲାପାଳ ହିଆଲ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ଓ ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ, ପଟାଧାରୀ ଓ ଗ୍ରାମବାସୀ।

# ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଦାବି



ବୈଠକରେ ଉପସ୍ଥିତ ଠିକାଦାର ସଂଘର ସଦସ୍ୟମାନେ।

## ଟେଣ୍ଡର ପାଇ କାର୍ଯ୍ୟ କରୁ ନ ଥିବା ଅଭିଯୋଗ

ଦଶମନ୍ତପୁର, ୧୭।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଗାଦିଆଗୁଡ଼ା ପଞ୍ଚାୟତ ଖଜୁରୀପୁଟ ଗ୍ରାମର ପକ୍କା ରାସ୍ତା କାର୍ଯ୍ୟର ଟେଣ୍ଡର ପାଇ କିଛି ମାସ ହେବ କାର୍ଯ୍ୟ ଆରମ୍ଭ କରି ନ ଥିବାରୁ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଦଶମନ୍ତପୁର ଠିକାଦାର ସଂଘ ପକ୍ଷରୁ ଦାବି କରାଯାଇଛି। ପୋଡାଗଡ଼ ପଞ୍ଚାୟତ ଲମତାପୁଟ ଛକଠାରୁ ଗାଦିଆଗୁଡ଼ା ପଞ୍ଚାୟତ ଖଜୁରୀପୁଟ ଗାଁ ପ୍ରାୟ ୬ କି.ମି. ଯାଏ ପକ୍କା ରାସ୍ତା ନିର୍ମାଣ ନେଇ ମାର୍ଚ୍ଚ ମାସରେ ଜୟପୁର ଜଣେ ଠିକାଦାର ୩୭ ଲକ୍ଷ ୧୩ ହଜାର ଅଟକଳରେ ଟେଣ୍ଡର ପାଇଥିଲେ। ଏହାକୁ କିଛି ମାସ ବିତିଯାଇଥିଲେ ସୁଦ୍ଧା ଏଯାଏ ରାସ୍ତା କାର୍ଯ୍ୟ ଆରମ୍ଭ ନ କରିଥିବାରୁ ଠିକାଦାର ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ସଂଘ ପକ୍ଷରୁ ମା' ଖମ୍ବେଶ୍ୱରୀ ପୀଠରେ ଏକ ବୈଠକ କରାଯାଇଛି। ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଲମତାପୁଟ ଓ ଖଜୁରୀପୁଟ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ କୁହାଯାଇଛି। ଟେଣ୍ଡର ପାଇଥିବା ଠିକାଦାରଙ୍କ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଲମତାପୁଟ ଛକରୁ ଖଜୁରୀପୁଟ ରାସ୍ତାର ଟେଣ୍ଡର ପାଇଥିବା ଜୟପୁର ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲାଇସେନ୍ସ ରଦ୍ଦ କରିବା ଦାବି କରି ଠିକାଦାର ସଂଘ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ହତ୍ୟା ଧମକ, ଟଙ୍କା ମାଗିବା ଅଭିଯୋଗ: ସ୍ୱାମୀ ଗିରଫ

ଜୟପୁର, ୧୭।୪ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ସ୍ତ୍ରୀଙ୍କୁ ହତ୍ୟା ଧମକ ଓ ଜବରଦସ୍ତ ୩୦ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଜିଲା ଦଶରଥପୁର ଥାନା ଡାହାଣୀହାଟ ଗ୍ରାମର ଶିକ୍ଷକ ରାଜେଶ୍ୱର ରାଉତ(୪୨)। ସୂଚନାନୁଯାୟୀ, କୁନ୍ଦୁରା ବ୍ଲକରେ ଶିକ୍ଷୟିତ୍ରୀ ଥିବା ଜୟପୁର ସହରର ଶ୍ରାବଣୀ କୋଚିଆ ୨୦୨୩ରେ ମେଟ୍ରିମୋନୀ ମାଧ୍ୟମରେ ରାଜେଶ୍ୱରଙ୍କ ସହ ବିବାହ କରିଥିଲେ। ରାଜେଶ୍ୱର ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଜୟପୁର ମହିଳା ଥାନାରେ ଶ୍ରାବଣୀ ୨୦୨୫ରେ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହା ଜାଣିବା ଅଭିଯୁକ୍ତ ଶ୍ରାବଣୀଙ୍କୁ ଏତଲାକୁ ତୁରନ୍ତ ଫେରସ୍ତ ନେବା ଓ ତାଙ୍କ ବିରୋଧରେ ମାମଲା ରୁଜୁ ନ କରିବାକୁ ଧମକ ଦେଉଥିଲେ। କିଛିଦିନ ହେବ ଟଙ୍କା ମାଗିବା ସହ ଟଙ୍କା ନ ଦେଲେ ସ୍ତ୍ରୀଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ଟାଉନ ଥାନାରେ ନଂ.୮୩/୨୬ରେ ମାମଲା ରୁଜୁ କରାଯାଇ ଏଏସ୍‌ଆଇ ଯାଜ୍ଞସିନୀ ମାଝି ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# କୋରାପୁଟ ପ୍ରେସ୍ କ୍ଲବ ଅତିରିକ୍ତ ଗୃହର ଶିଳାନ୍ୟାସ

କୋରାପୁଟ, ୧୭।୪ (ଅମିତାଭ ବେହେରା)

କୋରାପୁଟ ପ୍ରେସ୍ କ୍ଲବ ପରିସରରେ ବିଧାୟକ ରଘୁରାମ ମାଛ ପ୍ରେସ୍ କ୍ଲବ୍ ଅତିରିକ୍ତ ଗୃହର ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗୃହର ଶିଳାନ୍ୟାସ କରାଯାଇଛି। ପୌରପରିଷଦର ସହକାରୀ ଯନ୍ତ୍ରୀଙ୍କୁ ଶୀଘ୍ର କାମ ସମାପ୍ତ କରିବାକୁ ବିଧାୟକ ମାଛ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଣ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାର ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନଙ୍କ ସହଯୋଗ ପାଇଁ ପ୍ରୟାସରତ ରହିବେ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ଅମିତାଭ ବେହେରା, କୋଷାଧ୍ୟକ୍ଷ ଘନଶ୍ୟାମ ରଥ, ବରିଷ୍ଠ ଖବରଦାତା ପରୀକ୍ଷିତ ବିଶ୍ୱାଳ, ରଞ୍ଜନ କୁମାର ଦାସ, ସି.ଏଚ୍. ସନ୍ତାକାର, ଅମିତ କୁମାର ହୋତା, ତ୍ରିଲୋଚନ ମହାରଣା, ଅରୁଣ ଦାସ, ବଟକୃଷ୍ଣ ବେହେରା ଓ ଉତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାର ପୂର୍ବତନ ଜିଲା ସଭାପତି ବିଜୟ କୁମାର ମିଶ୍ର ଓ ନଗର ସଭାପତି ସତ୍ୟନାରାୟଣ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ରଘୁରାମ ମାଛ ପ୍ରେସ୍ କ୍ଲବ ଅତରିକ୍ତ ଗୃହର ଶିଳାନ୍ୟାସ କରୁଛନ୍ତି।

# ନାରୀଶକ୍ତି ବନ୍ଦନ ଅଧିନିୟମ କର୍ମଶାଳା

ସୁନାବେଡା/ସେମିଳିଗୁଡ଼ା, ୧୭।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)




କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ ଜିଲା ସେମିଳିଗୁଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭବ୍ୟ ମାତୃଶକ୍ତି ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ମଲ୍ଟି ଫଙ୍କସନ୍ ହଲରେ ନାରୀଶକ୍ତି ବନ୍ଦନ ଅଧୀନିୟମ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସ୍ନିଗ୍ଧାରାଣୀ ମିଶ୍ର ଉପସ୍ଥିତ ଥିଲେ। କର୍ମଶାଳା ମାଧ୍ୟମରେ ଅଧିନିୟମ ସମ୍ପର୍କିତ କାର୍ଯ୍ୟକାରିତା ନେଇ ମହିଳାମାନଙ୍କୁ ବୁଝାଇଥିଲେ। ଏହା କେବଳ ଏକ ଆଇନ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ପ୍ରତିଫଳନ ବୋଲି ସେ କହିଥିଲେ। କର୍ମଶାଳାରେ ବରିଷ୍ଠ ଶିକ୍ଷୟିତ୍ରୀ ସେହେନାଜ ବେଗମ, ସନ୍ଧ୍ୟା ମହାନ୍ତି, ଭାଜପା ନେତ୍ରୀ ସନ୍ତୋଷିନୀ ଜେନା, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ଛାତ୍ରୀମାନେ ଯୋଗଦେଇଥିଲେ। ଫାଉଣ୍ଡେଶନର ସଭାନେତ୍ରୀ ପ୍ରଭାତୀ ରାଉତଙ୍କ ଅଧ୍ୟକ୍ଷତାରେ ସମ୍ପାଦିକା ବନିତା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଅଧିନିୟମର ବ୍ୟାପକ ପ୍ରଚାର ପ୍ରସାର କରାଯିବ ବୋଲି ସଭାନେତ୍ରୀ ରାଉତ କହିଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟରେ ଲାମ୍ପୀ-କଣ୍ଟା ଚାମ୍ପିୟନ

ନନ୍ଦପୁର/ପାଡୁଆ, ୧୭।୪ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ପାତାଳୀ ନଦୀ କୂଳ ପଡ଼ିଆରେ ଅନୁଷ୍ଠିତ ମା' ବଡଦେବତୀ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଲାମ୍ପୀ-କଣ୍ଟା ୨ ଗ୍ରାମର କ୍ରିକେଟ ଟିମ୍ ଆୟୋଜକ ପାଡୁଆ ଦଳକୁ ହରାଇ ଚାମ୍ପିୟନ ହୋଇଛି। ୨ ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ବିଶ୍ୱନାଥ ମହାନ୍ତି ଓ ଟୁଟୁ ମହାନ୍ତି ଆୟୋଜନ କରିଥିଲେ।

# ବିଜୁବାବୁଙ୍କ ସ୍ମୃତି ଦିବସରେ ସ୍ମୃତିସଭା, ଧାରଣା

ଜୟପୁର, ୧୭।୪ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସେବା କାଗଜ କଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକମାନଙ୍କ ପକ୍ଷରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ବ୍ୟାନର ଧରି ଧାରଣା ଦେଇଛନ୍ତି। ବିଜୁବାବୁଙ୍କ ସେବା କାଗଜ କଳ ପୁନରୁଦ୍ଧାର ପାଇଁ କରିଥିବା ଚେଷ୍ଟାକୁ ମନେ ପକେଇ ବନ୍ଦ ଥିବା କାଗଜକଳକୁ ଚାଲୁ କରିବା ସହ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ବର୍ତ୍ତମାନ କାରଖାନା ଓ ଶ୍ରମିକମାନେ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। କାରଖାନା ୨ବର୍ଷ ହେବ ଉତ୍ପାଦନ ବନ୍ଦ, ଶ୍ରମିକମାନଙ୍କୁ ଦରମା ନାହିଁ, ଅବସରପ୍ରାପ୍ତ ଶ୍ରମିକମାନଙ୍କ ପାଉଣା ନାହିଁ, ଠିକା କର୍ମଚାରୀମାନଙ୍କ ଦରମା, ପିଏଫ୍‌ର କୌଣସି ଠିକଣା ନାହିଁ ବୋଲି ଶ୍ରମିକନେତା ପ୍ରମୋଦ କୁମାର ମହାନ୍ତି ଅଭିଯୋଗ କରିଛନ୍ତି। ଏହା ମଧ୍ୟରେ ପ୍ରାୟ ୭୦ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କାଗଜ କଳ ଚାଲୁ କରିବାକୁ ଘୋଷଣା କରିଥିବା ସତ୍ତ୍ୱେ ଏହା ପୂରଣ ହୋଇପାରୁନାହିଁ। କାର୍ଯ୍ୟକ୍ରମରେ ବସନ୍ତ ବେହେରା, ପ୍ରମୋଦ କୁମାର ତିୱାରୀ, ସୁବାଷ ବେହେରା, କେ.ସତ୍ୟନାରାୟଣ, ହରି ଷଡ଼ଙ୍ଗୀ, ରାମେଶ୍ୱର ପାଣ୍ଡବ, ଭାସ୍କର ମିଶ୍ର ଓ ସୁନାଧର ନାୟକ ପ୍ରମୁଖ ଯୋଗଦେଇଥିଲେ।

# ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ନନ୍ଦପୁର/ପାଡୁଆ, ୧୭।୪ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ବତ୍ରୀଶ ସିଂହାସନ ଓ ପାଡୁଆ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ନନ୍ଦପୁରରେ ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲରି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ପ୍ରଭାତ ଗୁରୁମାଇ ପ୍ରମୁଖ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ସ୍ମୃତିଚାରଣ କରିଥିଲେ। ପାଡୁଆରେ ଶଶି ପଟ୍ଟନାୟକ, କାର୍ତ୍ତିକ ଖେମୁଣ୍ଡୁ, ଏସ୍.କେ.ବାଜି, ସୁରେଶ ପଟ୍ଟନାୟକ, କାମାୟା ପାଙ୍ଗୀ, ନାର୍ସୁଲ କାମୁଡି, ସରପଞ୍ଚ ସଇତା ସମେଲି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବିଜୁ ବାବୁ ଅମର ରହେ ନାରା ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବିଜେଡି କର୍ମୀମାନେ।

# ଶିକ୍ଷା, ସ୍ୱାସ୍ଥ୍ୟ, ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ

## ପଞ୍ଚାୟତ ସମିତି ବୈଠକ

କୁନ୍ଦୁରା, ୧୭।୪ (ସନ୍ତୋଷ ପ୍ରହରାଜ)




ବୈଠକରେ ଉପସ୍ଥିତ ବିଧାୟକ ରୂପୁ ଭତ୍ରା, ଅଧିକାରୀ ଓ ଜନ ପ୍ରତିନିଧିମାନେ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବନିତା କାନ୍ଦଲିଆଙ୍କ ଅଧ୍ୟକ୍ଷତାରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ବିଡିଓ ପି.ମନସ୍ୱିତା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରଣୀସେନ ବିଷୋୟୀ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ବୈଠକରେ ପରେ ନିଆଯାଇଥିବା ପଦକ୍ଷେପକୁ ଜିପିଡିଓ ଜଗତ ସିଂ ମାଝୀ ଶୁଣାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ ବିଦ୍ୟାଳୟଗୁଡିକରେ ଖାଲି ଥିବା ଶିକ୍ଷକ ପଦବୀ ନେଇ କହିଥିଲେ। ଶିକ୍ଷକମାନଙ୍କ ଡେପୁଟେଶନରେ ଯିବା ଯୋଗୁ ପଦବୀ ଖାଲି ପଡୁଥିବା ନେଇ ଜିଲା ପରିଷଦ ଉତ୍‌କ୍ଷିପ୍ତ ହୋଇଥିଲେ। ୨୦୨୦ରୁ କୁନ୍ଦୁରା ବ୍ଲକ ଫୁପୁଗାଁ ଓ ପଖନାଗୁଡାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ସ୍କୁଲ କରିବାକୁ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। ଏହାକୁ ଏଯାଏ ଶିକ୍ଷା ବିଭାଗ ଚାପି ରଖିଥିବା ଜନ ପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାକୁ ନେଇ ଭୁଲ ତଥ୍ୟ ପ୍ରଦାନ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କୁ ସରପଞ୍ଚ ଓ ସମିତି ସଭ୍ୟ ଘେରିଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପିଏମଜିଏସୱାଇ ରାସ୍ତାଗୁଡିକର ୨୦ ବର୍ଷ ହେବ ମରାମତି ହୋଇ ନ ଥିବା ଅଭିଯୋଗ ହୋଇଛି। ସୀମାନ୍ତ ରାଣୀଗୁଡା ପଞ୍ଚାୟତର ଅନେକ ଚାଷୀ ରବି ଋତୁରେ ପଞ୍ଜୀକରଣରୁ ବଞ୍ଚିତ ଥିବା ସରପଞ୍ଚ ଶିବ ପ୍ରଧାନୀ ଅଭିଯୋଗ କରିଥିଲେ। ବଳକା ଚାଷୀଙ୍କ ପଞ୍ଜୀକରଣ କରା ନ ଗଲେ ରବିଋତୁରେ ରାଣୀଗୁଡା ଅଞ୍ଚଳରେ ଧାନ କ୍ରୟ କରିବାକୁ ଦେବୁନାହିଁ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। କେରିମିଟି ଓ କନ୍ଦାଯୋଡିରେ ନିଯୁକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଦୀର୍ଘ ଦିନ ଧରି ଛୁଟିରେ ଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ବିଭିନ୍ନ ସଂସ୍ଥା ପକ୍ଷରୁ ନେଟୱର୍କ ସେବା ମିଳୁ ନ ଥିବା କୁହାଯାଇଛି। ସମସ୍ତଙ୍କ ସହଯୋଗରେ ବ୍ଲକର ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ବିଧାୟକ କହିଛନ୍ତି।

